ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୧୦**

# ପିତୃପକ୍ଷ : ଦେବତା, ପିତୃପୁରୁଷ ଏବଂ ବଂଶପ୍ରତି ଶ୍ରଦ୍ଧା



ଗୋପୀନାଥ ଦାଶ

ହିନ୍ଦୁ ଧର୍ମ ଏବଂ ବୈଦିକ ମାନ୍ୟତା ଅନୁଯାୟୀ ପୁତ୍ରର ପୁତ୍ରତ୍ୱ ସେତେବେଳେ ସାର୍ଥକ ହୁଏ, ଯେତେବେଳେ ସେ ଜୀବିତାବସ୍ଥାରେ ଥିବା ପିତା ମାତାଙ୍କର ସେବା ପରେ ଏବଂ ସେମାନଙ୍କ ମୃତ୍ୟୁପରେ ଶ୍ରାଦ୍ଧବାର୍ଷିକ ଏବଂ ମହାଳୟାରେ ସେମାନଙ୍କୁ ବିଧିବଦ୍ଧ ଶ୍ରାଦ୍ଧ ପ୍ରଦାନ କରେ । ଆଶ୍ୱିନ ମାସର କୃଷ୍ଣପକ୍ଷ ପ୍ରତିପଦାରୁ ଅମାବାସ୍ୟା ପର୍ଯ୍ୟନ୍ତ ଦିନକୁ ପିତୃପକ୍ଷ ବା ମହାଳୟା ପକ୍ଷ କୁହାଯାଏ । ଶ୍ରାଦ୍ଧର ଅର୍ଥ ଦେବତା, ପିତୃପୁରୁଷ ଏବଂ ବଂଶ ପ୍ରତି ଶ୍ରଦ୍ଧା ପ୍ରକଟ କରିବା । ବିଶ୍ୱାସ କରାଯାଏ ଯେଉଁମାନେ ନିଜ ଶରୀର ଛାଡ଼ି ଚାଲିଯାଆନ୍ତି ସେମାନେ ଯେଉଁ ଲୋକରେ ଥିଲେ ବି, ଯେଉଁ ରୂପରେ ବି ଶ୍ରାଦ୍ଧପକ୍ଷରେ ନିଶ୍ଚେ ପୃଥିବୀକୁ ଆସନ୍ତି । ତେଣୁ ସେମାନଙ୍କ ତୃପ୍ତି ପାଇଁ ଶ୍ରଦ୍ଧା ସହ ଯେଉଁ ଶୁଭ ସଂକଳ୍ପ ଏବଂ ତର୍ପଣ କରାଯାଏ ତାହାକୁ ଶ୍ରଦ୍ଧା କୁହାଯାଏ । ହିନ୍ଦୁ ମାନ୍ୟତା ଅନୁଯାୟୀ ପିଣ୍ଡଦାନ ମୋକ୍ଷ ପ୍ରାପ୍ତି ପାଇଁ ଏକ ସହଜ ଏବଂ ସରଳ ମାର୍ଗ । ଏମିତି ଦେଶରେ ଅନେକ ସ୍ଥାନରେ ପିଣ୍ଡଦାନ କରାଯାଏ । ତେବେ ବିହାରର ଗୟାରେ ପିଣ୍ଡଦାନ ଖୁବ୍ ମହତ୍ୱପୂର୍ଣ୍ଣ । ବିଶ୍ୱାସ କରାଯାଏ ଭଗବାନ ଶ୍ରୀରାମ ଏବଂ ମା'ସୀତା ରାଜା ଦଶରଥଙ୍କ ଆତ୍ମାର ଶାନ୍ତି ପାଇଁ ଗୟାରେ ପିଣ୍ଡଦାନ କରିଥିଲେ । ଗୟାକୁ ବିଷ୍ଣୁଙ୍କ ନଗର କୁହାଯାଏ । ଏହାକୁ ମୋକ୍ଷର ଭୂମି ମଧ୍ୟ କୁହାଯାଏ । ବିଷ୍ଣୁ ପୁରାଣ ଏବଂ ବାୟୁ ପୁରାଣରେ ଏହାର ଉଲ୍ଲେଖ ଅଛି । ବିଷ୍ଣୁ ପୁରାଣ ଅନୁଯାୟୀ ଗୟାରେ ପିଣ୍ଡଦାନ କଲେ ପୂର୍ବଜଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି କରେ ଏବଂ ସେମାନେ ସ୍ୱର୍ଗରେ ବାସ କରନ୍ତି । ବିଶ୍ୱାସ କରାଯାଏ ସ୍ୱୟଂ ବିଷ୍ଣୁ ଏଠାରେ ପିତୃଦେବତା ଭାବରେ ଉପସ୍ଥିତ । ତେଣୁ ଏହାକୁ ପିତୃତୀର୍ଥ ମଧ୍ୟ କୁହାଯାଏ । ଗୟାରେ ଥିବା ପଣ୍ଡିତମାନେ କୁହନ୍ତି, ଫଲ୍‌ଗୁ ନଦୀର ତଟରେ ପିଣ୍ଡ ଦାନ ନକଲେ ଏହା ଅସଂପୂର୍ଣ୍ଣ ରହିଯାଏ । କିମ୍ବଦନ୍ତୀ ଅନୁଯାୟୀ ଭସ୍ମାସୁରର ବଂଶଜ ଗୟାସୁର କଠିନ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବର ମାଗିନେଇଥିଲେ ଯେ, ତାର ଶରୀର ଦେବତାମାନଙ୍କ ପରି ପବିତ୍ର ହୋଇଯିବ ଏବଂ ତାକୁ ଦର୍ଶନ କରିବା ମାତ୍ରେ ଲୋକମାନେ ପାପମୁକ୍ତ ହୋଇଯିବେ । ଏହି ବର ମିଳିବା ପରେ ସ୍ୱର୍ଗର ଜନସଂଖ୍ୟା ବଢ଼ିବାରେ ଲାଗିଲା ଏବଂ ସବୁକିଛି ପ୍ରକୃତିର ନିୟମ ବିପରୀତରେ ଚାଲିଲା । ଲୋକମାନେ ବିନା ଭୟରେ ପାପ କଲେ ଏବଂ ଗୟାସୁରକୁ ଦର୍ଶନ କରି ପାପମୁକ୍ତ ହେଲେ । ଏଥିରୁ ରକ୍ଷା ପାଇବା ପାଇଁ ଦେବତାମାନେ ଗୟାସୁରଙ୍କୁ ଯଜ୍ଞ ପାଇଁ ପବିତ୍ର ଭୂମି ମାଗିଲେ । ଗୟାସୁର ନିଜ ଶରୀର ଦେବତାମାନଙ୍କ ଯଜ୍ଞ ପାଇଁ ଦେଇଦେଲା । ଯଜ୍ଞଭୂମି ଭାବରେ ବ୍ୟବହୃତ ଦେବା ପାଇଁ ଗୟାସୁର ଭୂମିରେ ଶୋଇଲା ଏବଂ ତାର ଶରୀର ପାଂଚକୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଗଲା । ପରବର୍ତୀ ସମୟରେ ଏହି ପାଂଚକୋଶ ସ୍ଥାନକୁ କୁହାଗଲା ଗୟା । ଯଜ୍ଞରେ ପୋଡ଼ିବା ପରେ ମଧ୍ୟ ଗୟାସୁର ମନରୁ ଲୋକମାନଙ୍କୁ ପାପମୁକ୍ତ କରିବାର ଇଚ୍ଛା ଲୋପ ପାଇଲା ନାହିଁ । ସେ ଦେବତାମାନଙ୍କୁ ବର ମାଗିଲା । ଏହି ସ୍ଥାନରେ ଲୋକଙ୍କୁ ମୋକ୍ଷ ଦେବ । ଯେଉଁ ବ୍ୟକ୍ତି ଏଠାରେ କାହାର ଶ୍ରାଦ୍ଧ ପାଇଁ ପିଣ୍ଡଦାନ କରିବେ ତାଙ୍କୁ ମୁକ୍ତି ମିଳିବ । ଏହି କାରଣରୁ ଆଜିବି ଲୋକମାନେ ପିତୃପୁରୁଷଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୟାରେ ପିଣ୍ଡଦାନ କରିନ୍ତି । ଶାସ୍ତ୍ରରେ ପିତୃପୁରୁଷଙ୍କ ସ୍ଥାନ ଖୁବ୍ ଉଚ୍ଚରେ ବୋଲି ବର୍ଣ୍ଣନା କରାଯାଇଛି । ସେ ଚନ୍ଦ୍ରମା ଠାରୁ ଦୂରରେ ଏବଂ ଦେବତାଙ୍କ ଠାରୁ ଉଚ୍ଚ ସ୍ଥାନରେ ରୁହନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ପିତୃପୁରୁଷଙ୍କ ମଧ୍ୟରେ ମୃତ ପୂର୍ବଜ ଯଥା – ବାପା- ମା, ଜେଜେବାପା – ଜେଜେମା, ଅଜା-ଆଈଙ୍କ ସମେତ ସବୁ ପୂର୍ବଜ ସାମିଲ । ପରଲୋକଗତ ଗୁରୁ ଏବଂ ଆଚାର୍ଯ୍ୟ ମଧ୍ୟ ପିତୃପୁରୁଷଙ୍କ ମଧ୍ୟରେ ସାମିଲ । ଦେଶରେ ଶ୍ରାଦ୍ଧ ପାଇଁ ହରିଦ୍ୱାର, ଗଙ୍ଗାସାଗର, ପୁରୀ, କୁରୁକ୍ଷେତ୍ର, ଚିତ୍ରକୁଟ, ପୁଷ୍କର, ବଦ୍ରିନାଥ ସମେତ ୫୫ଟି ସ୍ଥାନର ବିଶେଷତ୍ୱ ମହତ୍ୱ ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେବେ ଗୟା ଏସବୁ ସ୍ଥାନର ଶୀର୍ଷରେ ରହିଛି । ହିନ୍ଦୁପୁରାଣ ଅନୁଯାୟୀ ଆଶ୍ୱିନ ମାସରେ ପିତୃପକ୍ଷ ଆରମ୍ଭରେ ସୂର୍ଯ୍ୟ କନ୍ୟା ରାଶିରେ ପ୍ରବେଶ କରନ୍ତି । ଏହି ସମୟରେ ପିତୃପୁରୁଷଙ୍କ ଆତ୍ମାମାନେ ପିତୃଲୋକ ଛାଡ଼ି ନିଜ ବଂଶଜଙ୍କ ଘରକୁ ଯାଆନ୍ତି । ସୂର୍ଯ୍ୟ ବିଛା ରାଶିକୁ ଆସିଲେ ସେମାନେ ପୁଣି ପିତୃଲୋକକୁ ଫେରନ୍ତି । କିମ୍ବଦନ୍ତୀ କୁହେ ମହାଭାରତ ଯୁଦ୍ଧ ପରେ ଯେତେବେଳେ ମହାଦାନୀ କର୍ଣ୍ଣଙ୍କ ଆତ୍ମା ପିତୃଲୋକକୁ ଗଲା ସେଠାରେ ତାଙ୍କୁ ସୁନା ଗହଣା ଆଦି ଖାଇବାକୁ ଦିଆଗଲା । ଖାଦ୍ୟ ନପାଇ କର୍ଣ୍ଣ ଏହାର ରହସ୍ୟ ଯମଙ୍କୁ ପଚାରିଲେ । ଯମ କହିଲେ – ଆପଣ ଜୀବନଯାକ ଟଙ୍କା, ସୁନା, ରୂପା ଆଦି ଦାନ କରିଛନ୍ତି । କିନ୍ତୁ ପୂର୍ବଜମାନଙ୍କ ପାଇଁ ଶ୍ରାଦ୍ଧ କରି ସେମାନଙ୍କ ଉଦ୍ଦେଶ୍ୟରେ ଖାଦ୍ୟ ଦାନ କରିନାହାନ୍ତି । କର୍ଣ୍ଣ କହିଲେ – ମୁଁ ମୋ ପୂର୍ବଜଙ୍କ ବିଷୟରେ ଜାଣିନି ତେଣୁ ସେମାନଙ୍କ ସ୍ମୃତିରେ ଶ୍ରାଦ୍ଧ କରିପାରିନି । ଏହାପରେ ଯମ ତାଙ୍କୁ ପୃଥ୍ୱୀଲୋକୁ ପନ୍ଦର ଦିନ ଫେରି ଶ୍ରାଦ୍ଧ କରିବାକୁ କହିଲେ । ଏ ସମୟ ଥିଲା ପିତୃପକ୍ଷ ।

ସହକାରୀ ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ଦୂରଭାଷ : ୮୮୯୫୨୯୬୧୬୭

# ବିପ୍ଳବୀ ବାଘା ଯତୀନ୍



ଡଃ.ଅରୁନ୍ଧତୀ ଦେବୀ

ଭାରତୀୟ ମୁକ୍ତି ସଂଗ୍ରାମର ମହାଯୋଦ୍ଧା ଯତୀନ୍ଦ୍ରନାଥ ମୁଖୋପାଧ୍ୟାୟ ସମଗ୍ର ଭାରତୀୟଙ୍କ ପାଖରେ ବିପ୍ଳବୀ ମହାଯୋଦ୍ଧା ବୀର ବାଘା ଯତୀନ୍ ଭାବେ ପରିଚିତ । ୧୯୧୫ ମସିହା ସେପ୍ଟେମ୍ବର ୧୦ ତାରିଖରେ ଭାରତ ମାତାର ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ଏହି ଯୋଦ୍ଧା ଶହୀଦ ହୋଇଥିଲେ । କୁହାଯାଏ ସେ ଥିଲେ ପରାଧୀନ ଭାରତବର୍ଷର ପ୍ରଥମ ସଶସ୍ତ୍ର ମୁକ୍ତି ସଂଗ୍ରାମୀ । ୧୯୧୫ ମସିହା ଫେବୃୟାରୀରେ ଦେଶ ମାତୃକାକୁ ଗୋରା ଫୌଜଙ୍କ ଠାରୁ ମୁକ୍ତି କରିବା ପାଇଁ ଏହି ବିପ୍ଳବୀ ଯୋଦ୍ଧା ଅଖିଳ ଭାରତ ପ୍ରତ୍ୟକ୍ଷ ସଶସ୍ତ୍ର ସଂଗ୍ରାମ ପାଇଁ ଯୋଜନା କରି ପ୍ରବଳ ପରାକ୍ରମୀ ଗୋରାଫୌଜଙ୍କ ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କରିଥିଲେ । ବୀର ବାଘା ଯତୀନ୍ ନିଜ ବିପ୍ଳବୀ ସାଥୀମାନଙ୍କୁ ନେଇ ଓଡ଼ିଶା ପଟୁ କୋଲକାତା – ଚେନ୍ନାଇ ରେଳପଥକୁ ଉଡାଇ ଦେଇ ବାଲେଶ୍ୱରର ତତ୍‌କାଳୀନ ଚାନ୍ଦିପୁର ବନ୍ଦରରେ ଥିବା ଜର୍ମାନ ଯୁଦ୍ଧ ପୋତରୁ ନିଜ ସଂଗ୍ରାମ ପାଇଁ ଲୋଡ଼ା ପଡୁଥିବା ଅସ୍ତ୍ରଶସ୍ତ୍ର ସଂଗ୍ରହ କରିବାର ଯୋଜନା କିନ୍ତୁ ପୂର୍ବରୁ ଇଂରେଜଙ୍କ ଗୋଇନ୍ଦାମାନେ ଜାଣିପାରିଥିଲେ । ପରବର୍ତୀ ସମୟରେ ଏହି ଯୋଦ୍ଧା ତାଙ୍କ ସଂଗ୍ରାମୀ ସତୀର୍ଥ ନିରେନ୍ଦ୍ର ଦାସଗୁପ୍ତ, ଯତୀଶ ପାଲ, ମନୋରଞ୍ଜନ ସେନଗୁପ୍ତ ଓ ଚିତପ୍ରିୟ ରାୟଚୌଧୁରୀଙ୍କୁ ଧରି ବେଶ ଚତୁରତାର ସହିତ ଇଂରେଜମାନଙ୍କ ଆଖିରେ ଧୂଳି ଦେଇ ଗୋପନରେ ଓଡ଼ିଶାରେ ପାଦ ଦେଇଥିଲେ । ଏ ତଥ୍ୟ ଇଂରେଜମାନେ ଜାଣିପାରି କପ୍ତିପଦାର ମହୁଲଡ଼ିଆରେ ଚଢ଼ାଉ କରିଥିଲେ । ସେ କିନ୍ତୁ ସେ ସ୍ଥାନରୁ ପଳାୟନ ନକରି ଜଣେ ଭାରତ ମାତାର ସନ୍ତାନ ଭାବେ ସୀମିତ ସାଥୀମାନଙ୍କୁ ଧରି ଇଂରେଜଙ୍କ ବିରୁଦ୍ଧରେ ଆକ୍ରମଣ ଆରମ୍ଭ କରିଥିଲେ । ମାତ୍ର ପାଂଚଜଣ ବିପ୍ଳବୀ ଯୋଦ୍ଧା ବ୍ରିଟିଶ ଫୌଜକୁ ବେଶ୍ ପାଣି ପିଆଇଥିଲେ । ଦେଶୁଆଁ ପୋଖରୀ କୂଳ ରଣକ୍ଷେତ୍ର ପାଲଟିଥିଲା । କୁହାଯାଏ ସକାଳ ନଅଟାରୁ ଅପରାହ୍ନ ଚାରିଟା ପାଖାପାଖି ସାତଘଂଟାର ଲମ୍ବା ଓ ଘମାଘୋଟ ଲଢ଼େଇରେ ପ୍ରଥମେ ଇଂରେଜମାନେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ । ସେମାନଙ୍କ ଗୁଳିରେ ଗୁରୁତର ଆହାତ ହୋଇଥିଲେ ବାଘା ଯତୀନ୍ ନିଜେ ଓ ତାଙ୍କ ଚାରିଜଣ ସତୀର୍ଥ ସଂଗ୍ରାମୀ ବନ୍ଧୁ । ବାଲେଶ୍ୱର ଡାକ୍ତରଖାନାରେ ସେପ୍ଟେମ୍ବର ୧୦ ତାରିଖ ଦିନ ବନ୍ଦେ ମାତରମ୍ କହି ଶହୀଦ ହୋଇଯାଇଥିଲେ ସେ । ପରବର୍ତୀ ସମୟରେ ତାଙ୍କ ବନ୍ଧୁ ମନୋରଞ୍ଜନ ଓ ନୀରେନ୍‌ଙ୍କୁ ଗୋରାଫୌଜ ବାଲେଶ୍ୱର ଜେଲର ଫାଶୀଖୁ□ରେ ଝୁଲାଇଥିଲେ ଓ ଅନ୍ୟତମ ଯୋଦ୍ଧା ଯତୀଶଙ୍କୁ କଳାପାଣି ଦେଶାନ୍ତର କରିଥିଲେ ।

*ନିର୍ଦ୍ଦେଶିକା-ସମ୍ପାଦିକ, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ପୂର୍ଣ୍ଣରୁ ପୂର୍ଣ୍ଣ ଗଲେ ପୂର୍ଣ୍ଣ ହିଁ ରହେ



ପୁଷ୍ପମିତ୍ର ମହାପାତ୍ର

ମନ୍ନାଥଃ ଶ୍ରୀଜଗନ୍ନାଥଃ ମଦଗୁରୁଃ ଶ୍ରୀ ଜଗଦଗୁରୁଃ । ମଦାତ୍ମା ସର୍ବଭୁତାତ୍ମା ତସ୍ମୈ ଶ୍ରୀ ଗୁରୁବେ ନମଃ ।' ଅର୍ଥାତ୍ ଶ୍ରୀଜଗନ୍ନାଥ ମୋର ସର୍ବସ୍ୱ । ସେ ହିଁ ସମଗ୍ର ଜଗତର ଗୁରୁ ତଥା ମୋର ଗୁରୁ । ସମସ୍ତଙ୍କ ଶରୀରରେ ବିଦ୍ୟମାନ, ପରମାତ୍ମା, ମୋର ଆତ୍ମା । ସେହି ଜଗତ୍ ଗୁରୁଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣିପାତ । ଜଗନ୍ନାଥ – ଜଗତର ନାଥ କଳା ଠାକୁର ନାମରେ ଭକ୍ତଜନଙ୍କ ମନରେ ପରିଚିତ । ସେ ପରମ ପୁରୁଷ ଷୋଳ କଳା ବିଶିଷ୍ଟ । ସିଦ୍ଧାନ୍ତ ଉପନିଷଦରେ ସେ ନାରାୟଣ ପରମାତ୍ମା, ପୁରୁଷୋତମ ସ୍ୱୟଂ ତ୍ରିଗୁଣ ରହିତ । 'ପୁରୁଷ ଏବେଦଂ ସର୍ବ' ମନ୍ତ୍ର ଅନୁସାରେ ପୁରୁଷୋତମଙ୍କ ଠାରୁ ସବୁକିଛି ଜାତ, ହୋଇଥିବା ପ୍ରମାଣ ମିଳେ । ସ୍ତ୍ରୀ, ସ୍ତୁତି, ଷଡ଼ଶାସ୍ତ୍ର, ଛନ୍ଦ, ନିଗମ ପ୍ରଜାପତି, ଶଶୀ, ରବି, ସକଳତୀର୍ଥ, ପରମଶିବ, ଶକ୍ତି, ଋଷିଗଣ, ଇନ୍ଦ୍ର, ଦ୍ୱାଦଶ ଆଦିତ୍ୟ, ରୁଦ୍ରଗଣ, ସମସ୍ତ ଦେବତା, ସପ୍ତ ସାଗର ସର୍ବ ଆତ୍ମା, ମନ ସହିତ ସର୍ବଇନ୍ଦ୍ରିୟ, ଅଷ୍ଟାଦଶ ବ୍ରହ୍ମାଣ୍ଡ, ଅଷ୍ଟସିଦ୍ଧି, ନବନିଧି, ଅଠର ବନଭାର, ଅମୃତ, ନଳ, ବ୍ରହ୍ମା, ଶକ୍ତି ମହାଦେବ ଆଦି ତାଙ୍କଠାରୁ ଜାତ ହୋଇଛନ୍ତି । ମୋଟାମୋଟି ଏକଥା ସ୍ୱୀକାର୍ଯ୍ୟ କି ଜଗତର କର୍ତା, ହର୍ତା, ଦୈବ ବିଧାତା । ସୃଷ୍ଟିର କ୍ରମରେ ସମସ୍ତ ପଦାର୍ଥ ଓ ଜୀବ ତାଙ୍କ ଠାରୁ ଉତ୍ପନ୍ନ ହୋଇଛି । ପ୍ରଥମେ ଆକାଶ, ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ, ଜଳରୁ ପୃଥିବୀ, ପୃଥିବୀରୁ ସମସ୍ତ ଜୀବଜନ୍ତୁ ଉଦ୍ଭବ ହୋଇଛନ୍ତି ଏବଂ ପ୍ରଳୟ କାଳରେ ଏହାର ବିପରୀତ କ୍ରମ ଘଟି ସୃଷ୍ଟିର ସମସ୍ତ ପଦାର୍ଥ ପରମାତ୍ମାଙ୍କ ଠାରେ ବିଲୀନ ହୋଇଥାନ୍ତି । ଏହି କଳିକାଳରେ ପ୍ରଭୁ ଧାରଣ କରିଛନ୍ତି କଳକି ଅବତାର । ସ୍ୱଚକ୍ଷୁରେ ଦେଖି ଚାଲିଛନ୍ତି ଏ ପାପ, ତାପ କ୍ଲିଷ୍ଟ ପତନମୁଖୀ ମନୁଷ୍ୟ ଜଗତକୁ, ସେମାନଙ୍କର ଅମାନବୀୟ କଳୁଷିତ ହୃଦୟକୁ । ନିଷ୍ପ୍ରାଣ ପଦାର୍ଥ ପ୍ରାୟ ବଡ଼ ଦେଉଳ ମଧ୍ୟରେ ସିଂହାସନରେ ବସି ସବୁ ଜାଣି, ନଜାଣିଲା ପରି ନିଷ୍କ୍ରିୟ ପଦାର୍ଥ ପରି ଅବଲୋକନ କରି ଚାଲିଛନ୍ତି ଏ କଳି ଯୁଗର କଳଙ୍କିତ ମାନବ ସମାଜକୁ । ସମୟ ଆସିଲେ ସେ ତାଙ୍କର ବିଶ୍ୱରୂପ ପ୍ରଦର୍ଶନ କରିବେ । ଜୀବନକ୍ରମକୁ ବିପରୀତଗାତୀ କରି ପ୍ରଳୟ ରଚିବେ । ସମସ୍ତ ସୃଷ୍ଟି, ଜୀବଜଗତ, ମନୁଷ୍ୟମାନେ ତାଙ୍କ ବିଶାଳ ହୃଦୟରେ ଲୀନ ହୋଇଯିବେ । ସେ ଚେତାଇ ଦେଉଛନ୍ତି, 'ହେ ମୂଢ଼ମାନବ, ତୋତେ ଦିବ୍ୟ ଜ୍ଞାନର ଅଧିକାରୀ କରିବା ସତ୍ତ୍ୱେ ତୁ ଭୁଲି ଯାଉଛି ନିଜତ୍ୱ, ମାନବତ୍ୱ, ମହାନତ୍ୱ । ତେଣୁ ତୁ ଉଦଣ୍ଡ ହେଲେ, ମୋ ସୃଷ୍ଟି ଲୀଳାର ଅବମାନନା କଲେ, ତୋର ବିନାଶ ଅନିବାର୍ଯ୍ୟ ହୋଇ ପଡ଼ିବ । ତୋତେ ରକ୍ଷା କରିବାକୁ ମୁଁ ଆଗେଇ ନଯାଇ ଧ୍ୱଂସ କରିବି । ଏଣୁ ମୁଁ କଳାଠାକୁର କଳକୀ ଅବତାର ହୋଇ, ହାତରେ ଖଡ୍ଗ ଖର୍ପର ଧାରଣ କରି ସଂହାର ପାଇଁ ତତ୍ପର ଅଛି । ଏକଥାକୁ ତୁ ଭୁଲି ଯାଅନା, ନିଜର ସୃଷ୍ଟିର ରହସ୍ୟ ଦିବ୍ୟ ଚେତନାକୁ ସ୍ମରଣ କରି, ନିଜକୁ ସୁଧାରି ନେ । ତାହା ହିଁ ତୋ ପାଇଁ ହେବ ବରଦାନ । ତେବେ କାଳିଆ କରିବ ଦରଦଶନ ଦେବ ଦିବ୍ୟଜ୍ଞାନ ।

ତତ୍‌ଦର୍ଶୀମାନଙ୍କ ଦୃଷ୍ଟିରେ ସେ ଶୂନ୍ୟ, ନିର୍ଗୁଣ ଓ ନିରାକାର । କିନ୍ତୁ ସାଧାରଣ ଭକ୍ତ ପାଇଁ ସେ ହେଉଛନ୍ତି ସଗୁଣ, ସାକାର । ତୁମେ ହିଁ ପ୍ରଭୁ ଆର୍ତତ୍ରାଣ, ଦୟାନିଧି, କରୁଣାର ସାଗର, ଅନାଥର ନାଥ ସର୍ବମଙ୍ଗଳ ଜଗନ୍ନାଥ । ତୁମେ ହେଉଛ ଅଖିଳ ବ୍ରହ୍ମାଣ୍ଡପତି । ଗତି, ଶକ୍ତି ତଥା ନିର୍ବାଣର ପଥ ପ୍ରଦର୍ଶକ । ଜ୍ଞାନର ଗରିମା ତଥା ଧନ ଓ ମାନ ସବୁ କିଛି ତୁମ ନିକଟରେ ତୁଚ୍ଛ । ତୁମେ ହେଉଛ ବିଶ୍ୱାସର ଠାକୁର । ତୁମ ପାଖରେ ସବୁ ତତ୍ତ୍ୱ ବା ଯୁକ୍ତି ହାର ମାନନ୍ତି । ସେଥିପାଇଁ ତ କୁହାଯାଇଛି, ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର । ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପ୍ରଣୀତ ଶ୍ରୀମଦ୍ ଭାଗବତ, ଦ୍ୱାଦଶ ସ୍କନ୍ଧ (୧୨:୩:୫୨)ରେ ଉଲ୍ଲେଖ ଅଛି ଯେ 'ସତ୍ୟ ଯୁଗରେ ଧ୍ୟାନଫଳ । ତ୍ରେତାରେ ଯଜ୍ଞାଦି ସକଳ । । ଦ୍ୱାପରେ ପୂଜାର ବିଧାନ । କଳିରେ ନାମ ସଂକୀର୍ତନ । ।' ଅର୍ଥାତ୍ ସତ୍ୟ ଯୁଗରେ ତପସ୍ୟା ତଥା ଧ୍ୟାନ ଦ୍ୱାରା ପରମାତ୍ମାଙ୍କୁ ଉପାସନା କରାଯାଏ । ତ୍ରେତୟା ଯୁଗରେ ଯଜ୍ଞଦ୍ୱାରା ଆରାଧନା କରାଯାଏ । ଦ୍ୱାପର ଯୁଗରେ ପୂଜା ଦ୍ୱାରା ଭଗବାନଙ୍କର ସେବା ଓ ଆରାଧନା କରାଯାଏ । କଳିଯୁଗରେ ଈଶ୍ୱର ବା ଭଗବତ ପ୍ରାପ୍ତିର ସାଧନ ହେଉଛି ପ୍ରଭୁଙ୍କ ନାମ ଜପ ବା ନାମ ସଂକୀର୍ତନ ଯଥା – 'ହରେ ରାମ ହରେ ରାମ, ରାମ ରାମ ହରେ ହରେ । ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ । ।' (କଳି ସନ୍ତରଣ ଉପନିଷଦ) । ଅତଃ କଳିଯୁଗରେ ଈଶ୍ୱର ପ୍ରାପ୍ତି ନିମନ୍ତେ ସରଳ ଉପାୟ ହେଉଛି ଭଗବାନଙ୍କ ନାମ ଜପ, ସ୍ମରଣ, ମନନ ଓ ଚିନ୍ତନ । ପ୍ରଜ୍ଞା, ତୀକ୍ଷ୍ଣବୁଦ୍ଧି ପ୍ରୟୋଗ କରି ଅବଶ୍ୱାସର ଜାଲ ଭିତରେ ଛନ୍ଦି ହୋଇ ଜଗନ୍ନାଥଙ୍କର ସମୃଦ୍ଧିପ୍ରାପ୍ତ ଇତିହାସକୁ ଜ୍ଞାନର ପରିସର ଭିତରେ ସୀମିତ ନରଖି ଶ୍ରଦ୍ଧା ଏବଂ ବିଶ୍ୱାସ ପଥରେ ଆଗେଇ ଚାଲିଲେ ଜଗନ୍ନାଥ ତୁମ ହାତ ଧରି ଆଗକୁ ଆଗେଇ ନେବେ – ସେ ସୃଷ୍ଟି ଏବଂ ତ୍ରାଣକର୍ତା । ଉପନିଷଦ ବାଣୀ – ପୂର୍ଣ୍ଣରୁ ପୂର୍ଣ୍ଣ ଗଲେ ପୂର୍ଣ୍ଣ ହିଁ ରହେ । ଏହା ହିଁ ସତେଯେମିତି ଜଗତବାସୀଙ୍କୁ ଶୁଣାଉଛନ୍ତି ଚତୁର୍ଦ୍ଧାମୂର୍ତି । ଜୟ ଜଗନ୍ନାଥ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ସେକ୍ଟର-୬, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୬୮୯

# ବୈରାଗ୍ୟସାଧନେ ମୁକ୍ତି ସେ ଆମାର ନୟ... : ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋର



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଏହି ସୃଷ୍ଟିର ଅଣୁପରମାଣୁରେ ନିକ୍ୱଣିତ ହୁଏ ଏକ ଶାଶ୍ୱତ ସଙ୍ଗୀତର ମୂର୍ଚ୍ଛନା । ଅବନୀ ଅନ୍ତରୀକ୍ଷରେ ପ୍ରତି ମୁହୂର୍ତରେ ଅଭିବ୍ୟକ୍ତି ଲାଭ କରେ ଅନିର୍ବଚନୀୟ ସୁଷମାର ନିତ୍ୟ ନୂତନ ବୈଚିତ୍ର୍ୟ । ନୀଳାଶର ଭାସମାନ ଶୁଭ୍ର ଶୀର୍ଣ୍ଣ ମେଘଖଣ୍ଡ କେବେ କାହାଣୀ କହେ ବା କେବେ ତା'ର ସ୍ୱଗତୋକ୍ତିରେ ତଲ୍ଲୀନତା ଲାଭ କରେ । ଇନ୍ଦ୍ରଧନୁର ରୂପୋତ୍ସବରେ ନିତ୍ୟ ରୂପାତୁରା ଦିଗ୍‌ବଧୂରକାନ୍ତ କମନୀୟ କପୋଳ ବର୍ଣ୍ଣାଭ ହୋଇଉଠେ । ଆଶ୍ୱିନ ଜ୍ୟୋତ୍ସ୍ନାର ସ୍ପର୍ଶରେ ଶ୍ୟାମା, ସ୍ନିଗ୍ଧା, ତନ୍ଦ୍ରାଳସା ଧରିତ୍ରୀର ଚକ୍ଷୁରେ ସଂଖ୍ୟାହୀନ ସ୍ୱପ୍ନର ସୁଷମା ଭରିଉଠେ । ଲାସ୍ୟମୟୀ, ତନ୍ୱୀ, ତରୁଣୀର ଲୀଳାୟିତ ଚପଳ ପଦପାତରେ ପ୍ରୀତିର ପାରିଜାତ ପରିସ୍ଫୁଟ ହୁଏ । ମୁକୁଳିତା ହାସ୍ୟମୟୀ କଳିକା, ସୌରଭର ନୈବେଦ୍ୟ ବାଢ଼ି ସୌନ୍ଦର୍ଯ୍ୟର ବର୍ଣ୍ଣନା ଗାନ କରେ । ନିତ୍ୟ ପରିବର୍ତନଶୀଳା, ମାନମୟୀ ବସୁମତୀର ଦୃଶ୍ୟସକାଳ ସଂସାରୀ – ସନ୍ନ୍ୟାସୀ ନିର୍ବିଶେଷରେ ସମସ୍ତଙ୍କୁ ଅଭିଭୂତ କରେ । ବିଶ୍ୱସୃଷ୍ଟିର ଏହି ନିତ୍ୟ ନୂତନ ରୂପୋତ୍ସବ ଆଶୈଶବ ରବୀନ୍ଦ୍ରନାଥଙ୍କର ସମ୍ବେଦନଶୀଳ ପ୍ରାଣକୁ ଅଭିନବ ବ୍ୟଞ୍ଜନା ବିଭୂତି ସ୍ପର୍ଶରେ ମହୀୟାନ କରିଥିଲା । ସେହି ମହାନ କବିଙ୍କର ସୌନ୍ଦର୍ଯ୍ୟାନୁଭୂତିକୁ ସୂକ୍ଷ୍ମ ଓ ଶାଣିତ କରି ଏହା ତାଙ୍କର ପ୍ରାଣକୁ ଏକ ଅନୁପମ ଅନ୍ତର୍ଦୃଷ୍ଟିରେ ଅଭିବ୍ୟଞ୍ଜିତ କଲା ଏବଂ ସମାଧିସ୍ଥ କରି ଚିତର ଉଚ୍ଛ୍ୱାସ ଓ ସୌନ୍ଦର୍ଯ୍ୟୋପାସନା ସତ୍ୟାନ୍ୱେଷୀ ଉପନିଷଦ୍‌କାରର ସମର୍ପଣାତ୍ମକ ପ୍ରବଣତା ନେଇ କବିତା ମାଧ୍ୟମରେ ଆତ୍ମପ୍ରକାଶ ଲାଭକଲା । ରବୀନ୍ଦ୍ରନାଥଙ୍କ କବିତା ସେଥିପାଇଁ ଏକାଧାରାରେ ସତ୍ୟର ବାହକ, ସୌନ୍ଦର୍ଯ୍ୟର ପରିପ୍ରକାଶକ ବା ମାନବାତ୍ମାର ଆତ୍ମ ପ୍ରକାଶନର ସହାୟକ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ଜନ୍ମଭୂମି ସନ୍ନିକଟରେ ବିଶ୍ୱଗୁରୁଙ୍କ ବାସସ୍ଥାନ ଥିବାରୁ ପିଲାବେଳୁ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟ ସାନ୍ନିଧ ପ୍ରାପ୍ତ ହେବା ସହ ସେ ପ୍ରତ୍ୟେହ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟ ଅମୃତବାଣୀ 'ସତ୍ୟାନୁସରଣ' ପାଠ କରୁଥିଲେ । ପରବର୍ତୀ ସମୟରେ ଏହା ତାଙ୍କ ଆଧ୍ୟାତ୍ମିକ ଜୀବନକୁ ଦିବ୍ୟମୟ କରିପାରିଥିଲା ।

୧୮୬୧ ମସିହା ମେ ୭ ତାରିଖରେ ଘୋଡ଼ାଶଙ୍କରେ ପିତା ଦେବେନ୍ଦ୍ରନାଥଙ୍କର ଚତୁର୍ଦ୍ଦଶ ସନ୍ତାନ ଭାବରେ ରବୀନ୍ଦ୍ରନାଥଙ୍କର ଜନ୍ମୋତ୍ସବ ସଂଗଠିତ ହୋଇଥିଲା । ବାଲ୍ୟ ବିଦ୍ୟାଳୟ ଶିକ୍ଷା ପରେ ୧୮୭୮ ମସିହା ସେପ୍ଟେମ୍ବର ୨୦ ତାରିଖରେ ସେ ପ୍ରଥମଥର ପାଇଁ ଇଂଲଣ୍ଡ ଯାତ୍ରା କରିଥିଲେ । ରବୀନ୍ଦ୍ରନାଥଙ୍କୁ ୧୮ ବର୍ଷ ହେଲାବେଳକୁ ସେ ସାତହଜାର ଧାଡ଼ିର କବିତା ଲେଖି ସାରିଥିଲେ । ୧୮୮୩ ମସିହାରେ ତାଙ୍କର ବିବାହ ହୋଇଥିଲା ମୃଣାଳିନୀ ଦେବୀଙ୍କ ସହ । ୧୮୮୩ରୁ ୧୮୯୦ ପର୍ଯ୍ୟନ୍ତ ନିଜ ରଚନାରେ ଗଭୀର ଭାବେ ସେ ମନୋନିବେଶ କରିଥିଲେ । ଆରଣ୍ୟ ଶ୍ରୀଚର୍ଚ୍ଚିତ ଗୁରୁକୁଳାଶ୍ରମର ଚିତ୍ର ସେ ତାଙ୍କର 'ନୈବେଦ୍ୟ କବିତା' ମାଧ୍ୟମରେ ପ୍ରକାଶ କରିଥିଲେ । ୧୯୦୧ ମସିହା ଡିସେମ୍ବର ୨୨ ତାରିଖରେ ପିଲାମାନଙ୍କୁ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା ଦେବା ପାଇଁ ଗୁରୁକୁଳାଶ୍ରମ ପଦ୍ଧତିରେ ବ୍ରହ୍ମଚର୍ଯ୍ୟାଶ୍ରମ ନାମରେ ଏକ ବିଦ୍ୟାଳୟ ସ୍ଥାପନ କରିଥିଲେ । ୧୯୦୫ରେ ବନ୍ଦେ ମାତରମ୍ ଆନ୍ଦୋଳନ ଆରମ୍ଭ ହେବା ସଙ୍ଗେ ସଙ୍ଗେ ସୋନାର ବାଙ୍ଗଲାର ଆହ୍ୱାନରେ କବି ଶାନ୍ତିନିକେତନ ଧାଇଁ ଆସିଥିଲେ । ଭାରତୀୟ ଆର୍ଯ୍ୟ ଜୀବନର ମହାନ ପରମ୍ପରାର କବି ଥିଲେ ଆଜୀବନ ଉପାସକ । ୧୯୧୨ରେ ତାଙ୍କର ଇଂରାଜୀ ଅନୁଦିତ ଗୀତାଞ୍ଜଳୀ ପ୍ରକାଶ ପାଇଲା । ଏହାର ବାର୍ତା ଥିଲା – 'ଜୀବନର ବହିରାବଣରେ ବିମୁଗ୍ଧ ନ ହୋଇ ଅନ୍ତର୍ଦୃଷ୍ଟିଦ୍ୱାରା ନିଜର ସତାକୁ ଆବିଷ୍କାରକର ।' ୧୯୧୩ରେ ପ୍ରଥମଥର ପାଇଁ ରବୀନ୍ଦ୍ରନାଥ ଏସିଆର ଲେଖକ ଭାବେ ନୋବେଲ ପୁରସ୍କାର ପାଇଥିଲେ । ଏହାର ସମସ୍ତ ଅର୍ଥରାଶି ସେ ଶାନ୍ତିନିକେତନକୁ ଦାନ କରିଦେଇଥିଲେ । ରବୀନ୍ଦ୍ରନାଥମ ଏକାଧାରାରେ ଥିଲେ କବି, ନାଟ୍ୟକାର, ଔପନ୍ୟାସିକ, କ୍ଷୁଦ୍ରଗଳ୍ପକାର, ସଂଗୀତଜ୍ଞ, ଚିତ୍ରକର, ସଂସ୍କାରକ, ଦାର୍ଶନିକ, ଦେଶପ୍ରେମୀ, ମାନବହିତୈଷୀ ଓ ଉପନିଷଦର ସତ୍ୟ ସକଳର ପ୍ରବକ୍ତା । ମାତ୍ର ତାଙ୍କର ଜୀବନରେ ଯେଉଁ ମହାନତା ପ୍ରକାଶିତ ହୋଇଥିଲା ତାହା ତାଙ୍କର ସକଳ କୃତୀ ଠାରୁ ମହତର ଥିଲା । ଗୀତାଞ୍ଜଳି ମନୁଷ୍ୟ ନିକଟରେ ଗୋଟିଏ ସତ୍ୟ ପ୍ରତିପାଦନ କରେ ଯେ ଏକ ସଂଞ୍ଜିବିତ ତଥା ପ୍ରୀତ୍ୟୁତ୍ଫୁଲ୍ଲ ମାନବାତ୍ମାର ପରିପ୍ରକାଶ ଓ ଆତ୍ମନିବେଦନ କେବଳ କବିତା ମାଧ୍ୟମରେ ହିଁ ସମ୍ଭବ । ଉତ୍ତୁଙ୍ଗ ଭାବୋଚ୍ଛ୍ୱାସର ଭାଷାୟନ, ବିକ୍ଷେପ ଓ ବିକରଣ ନିମିତ କବିତାର ଶବ୍ଦ ସଂଯୋଜନା ହିଁ ଯଥାର୍ଥ ବାହକ । ତାଙ୍କର ଲୋକପ୍ରିୟ ଓ ଶ୍ରେଷ୍ଠକୃତୀ 'ଗୋରା' ଉପନ୍ୟାସ ଟଲଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି' ଉପନ୍ୟାସ ସହିତ ତୁଳନୀୟ ଯାହାକି ୧୯୧୦ରେ ପ୍ରକାଶିତ ହୋଇଥିଲା । ଜୀବନର ଜାହ୍ନବୀରେ କବି ଉପନିଷଦୀୟ ଚିନ୍ତା ଚେତନା ଚର୍ଚ୍ଚିତ ଯେଉଁ କବିତା ତର୍ପଣ କରିଛନ୍ତି ତାହା କାଳ କାଳ ଧରି ବହୁ ପାଠକ ଆତ୍ମାର ପରିତୃପ୍ତି ବିଧାନ କରିବ । ୧୯୪୧ ମସିହା ଅଗଷ୍ଟ ୭ ତାରିଖରେ ତାଙ୍କ ଆତ୍ମା ମୃଣ୍ମୟ ଶରୀର ପରିତ୍ୟାଗ କଲା । ତାଙ୍କ ଶ୍ରେଷ୍ଠକୃତି 'ଗୀତାଞ୍ଜଳି'ର ସେହି ବିଲକ୍ଷଣ ଧାଡ଼ି ମଧ୍ୟରେ ଧାଡ଼ିଟି ମନେପଡ଼ିଯାଉଛି – 'ବୈରାଗ୍ୟସାଧନେ ମୁକ୍ତି ସେ ଆମାର ନୟ, ଅସଂଖ୍ୟ ବନ୍ଧନ ମାଝେ ମହାନନ୍ଦମୟ । ଲଭିବ ମୁକ୍ତିର ସ୍ୱାଦ । ଏହି ବସୁଧାର ମୃତିକାର ପାତ୍ରଖାନି କରି ବାରମ୍ବାର ତୋମାର ଅମୃତ ଟାଲି ଦିବେ ଅବିରତ ନାନା ବର୍ଣ୍ଣ ଗନ୍ଧମୟ । ପ୍ରଦୀପେର ମତୋ ଜ୍ୱାଲାଏ ତୁଲିବେ ଆଲୋ ତୋମାରି ଶିଖାୟ ତୋମାର ମନ୍ଦିର ମାଝେ ଇନ୍ଦ୍ରିୟେର ଦ୍ୱାର ରୁଦ୍ଧକରି ଯୋଗାସନ ସେ ନୟ ଆମାର ।'

*ସହ-ପ୍ରତିରଦ୍ଧିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୬*

# ଦେଶ କେ ହିତ୍ ମେଁ କରେଙ୍ଗେ କାମ୍

**ସର୍ବେଶ୍ୱର ବେହେରା**

ଭାରତୀୟ ମଜଦୁର ସଂଘ ୧୯୫୫ ଜୁଲାଇ ୨୩ ତାରିଖ ଲୋକମାନ୍ୟ ବାଲଗଙ୍ଗାଧର ତିଳକଙ୍କ ଜନ୍ମତିଥିରେ ମଧ୍ୟପ୍ରଦେଶର ଭୋପାଳଠାରେ ଆରମ୍ଭ ହୋଇଥିଲା । ଏହାର ପ୍ରତିଷ୍ଠାତା ଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ପ୍ରଚାରକ ଶ୍ରୀ ଦତୋପନ୍ତ ଠେଙ୍ଗଡୀ । ଗତ ୭୦ବର୍ଷ ଧରି ଏହି ସଙ୍ଗଠନର କାର୍ଯ୍ୟକର୍ତାମାନଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା ଯୋଗୁଁ ଆଦି ଏହା ବିଶ୍ୱର ସର୍ବବୃହତ ଶ୍ରମିକ ସଙ୍ଗଠନ ରୂପେ ମାନ୍ୟତା ହାସଲ କରିଛି । ଏବେ ଏହାର ସଦସ୍ୟ ସଂଖ୍ୟା ଏକ କୋଟିରୁ ଉର୍ଦ୍ଧ୍ୱ । ଏହି ସଂଗଠନ ଏବେ ଦେଶର ୫୦୦୦ରୁ ଉର୍ଦ୍ଧ୍ୱ ଟ୍ରେଡ ୟୁନିଅନକୁ ପରିଚାଳନା କରୁଛି ।ରାଷ୍ଟ୍ରର ଉଦ୍ୟୋଗୀକରଣ, ଉଦ୍ୟୋଗର ଶ୍ରମିକକରଣ ଓ ଶ୍ରମିକର ରାଷ୍ଟ୍ରୀୟକରଣର ତ୍ରିସୂତ୍ରକୁ ଧରି ଭାରତୀୟ ମଜଦୁର ସଂଘ ପ୍ରଥମରୁ କାର୍ଯ୍ୟ କରିଆସୁଛି । ରାଷ୍ଟ୍ରର ଆର୍ଥିକ ବିକାଶ ପାଇଁ ଉଦ୍ୟୋଗୀକରଣ ହେବା ଆବଶ୍ୟକ । ଉଦ୍ୟୋଗରୁ ଉତ୍ପାଦିତ ବସ୍ତୁଗୁଡ଼ିକ ବଜାରରେ ବିକ୍ରି କରି ରାଷ୍ଟ୍ରର ଆର୍ଥିକ ବିକାଶ ହୋଇପାରିବ । ଏଥିପାଇଁ ସମଗ୍ର ଦେଶରେ କଳକାରଖାନା ପ୍ରତିଷ୍ଠା ହେବା ଆବଶ୍ୟକ । ଏହାଦ୍ୱାରା ରାଷ୍ଟ୍ର ଉଦ୍ୟୋଗୀକରଣ ହେବ । ଏହି ସମସ୍ତ କଳକାରଖାନା ଗୁଡ଼ିକରେ ପ୍ରଚୁର ଉତ୍ପାଦନ ପାଇଁ ବହୁ ଶ୍ରମିକ ନିୟୋଜିତ ହେବା ଆବଶ୍ୟକ । ଭାରତ ପରି ଜନବହୁଳ ଦେଶରେ ଶ୍ରମିକମାନଙ୍କ ଦ୍ୱାରା ଉତ୍ପାଦନ ହେଲେ ସାଧାରଣ ଶ୍ରମିକ ସମୁଚିତ ବେତନ ପାଇପାରିବ ଓ ତା'ର କ୍ରୟ ଶକ୍ତି ବୃଦ୍ଧି ହେବ । ଶ୍ରମିକର ଅର୍ଥ ଓ ଶ୍ରମକୁ ସମାନ ସ୍ତରରେ ରଖି ଶ୍ରମିକକୁ ଉଦ୍ୟୋଗର ମାଲିକାନାରେ ଅଂଶୀଦାର କରିବା ଆବଶ୍ୟକ । ଏହା ହିଁ ଉଦ୍ୟୋଗର ଶ୍ରମିକୀକରଣ । ଏହି ଶ୍ରମିକମାନଙ୍କ ମଧ୍ୟରେ ରାଷ୍ଟ୍ରୀୟତାର ଭାବ ଜାଗରଣ ହେବା ଆବଶ୍ୟକ । ରାଷ୍ଟ୍ର ପ୍ରତି ତ୍ୟାଗ-ସମର୍ପିତ ଭାବନା ଉଦ୍ରେକ ହେବା ଉଚିତ । ସେ ଯେଉଁ ଶ୍ରମ କରୁଛି, ତାହା ରାଷ୍ଟ୍ରର ବିକାଶ ପାଇଁ କୌଣସି ପୁଞ୍ଜିପତିର ଆର୍ଥିକ ବିକାଶ ପାଇଁ ନୁହେଁ । ଏହି ଭାବନା ଶ୍ରମିକ ମନରେ ଉଦ୍ରେକ ହେବା ଆବଶ୍ୟକ । ରାଷ୍ଟ୍ରୀୟକରଣ ଅର୍ଥ ସରକାରୀକରଣ । ତେଣୁ କଳକାରଖାନାର ସରକାରୀକରଣ କରି ଶ୍ରମିକର ରାଷ୍ଟ୍ରୀୟକରଣ ଏକାନ୍ତ ଆବଶ୍ୟକ । ଏହି ତ୍ରିସୂତ୍ରୀ ଲକ୍ଷ୍ୟ ରଖି ମଜଦୁର ସଂଘ ଗତ ୭୦ ବର୍ଷ ଧରି କାର୍ଯ୍ୟ କରୁଛି । ଏହି ମନ୍ତ୍ର ଆଜି ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଛି ।ଭାରତୀୟ ମଜଦୁର ସଂଘ ବିଶ୍ୱରେ ଏକମାତ୍ର ଶ୍ରମିକ ସଂଗଠନ; ଯାହା ଅଣରାଜନୈତିକ ଶ୍ରମିକ ସଙ୍ଗଠନ ରୂପେ ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରୁଛି । ୧୯୫୫ ଜୁଲାଇ ୨୩ ତାରିଖରେ ଯେଉଁଦିନ ଶ୍ରୀ ଦତୋପନ୍ତ ଠେଙ୍ଗଡ଼ୀ କେତେଜଣ କାର୍ଯ୍ୟକର୍ତାଙ୍କୁ ଧରି ଭୋପାଳଠାରେ ଏହି ସଂଘ ଆରମ୍ଭ କରିଥିଲେ । ସେହିଦିନ ସନ୍ଧ୍ୟାରେ ଏକ ସାଧାରଣ ସଭା କରି ଏହାକୁ ଘୋଷଣା କରିବା ପାଇଁ କାର୍ଯ୍ୟକର୍ତାମାନେ ନିର୍ଣ୍ଣୟ ନେଲେ । ବୈଠକରେ ଜଣେ କାର୍ଯ୍ୟକର୍ତା ଶ୍ରୀ ଗଙ୍ଗାଭକ୍ତ ସିଂ ପ୍ରସ୍ତାବ ଦେଲେ ଆଜି ଭୋପାଳରେ ଜଣେ ବିଶିଷ୍ଟ ବକ୍ତା ଅଟଳ ବିହାରୀ ବାଜପେୟୀ ଉପସ୍ଥିତ ଅଛନ୍ତି, ସେ ଯଦି ସନ୍ଧ୍ୟାରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ ତେବେ ତାଙ୍କ ଲୋକପ୍ରିୟତା ଯୋଗୁଁ ସମସ୍ତେ ଆକୃଷ୍ଟ ହେବେ ଓ ସଭାରେ ଜନସଂଖ୍ୟା ବୃଦ୍ଧି ହେବ । ଠେଙ୍ଗଡ଼ୀଜୀ ସ୍ମିତହାସ୍ୟ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକର୍ତାଙ୍କ ମତାମତକୁ ସ୍ୱୀକାର କରି ସେ କାର୍ଯ୍ୟକର୍ତାମାନଙ୍କୁ ବାଜପେୟୀଙ୍କୁ ସାକ୍ଷାତ କରି ସଭାରେ ଉଦବୋଧନ ଦେବା ପାଇଁ ଅନୁମତି ପ୍ରଦାନ କଲେ । ସମସ୍ତ ବିଷୟ ଶୁଣି ସାରିବା ପରେ ଅଟଳଜୀ କାର୍ଯ୍ୟକର୍ତାମାନଙ୍କୁ କହିଲେ– "ଆଜି ଆପଣମାନେ ଭାରତୀୟ ମଜଦୁର ସଂଘ ରୂପେ ଏକ ଅଣରାଜନୈତିକ ଶ୍ରମିକ ସଙ୍ଗଠନ ପ୍ରତିଷ୍ଠା କଲେ । ପ୍ରଥମ ଦିନରେ ପ୍ରଥମ ବକ୍ତା ଜଣେ ରାଜନୈତିକ ବ୍ୟକ୍ତି କିପରି ହେବ ? ମୋର ଭାଷଣ ପରେ ଆପଣମାନେ କ'ଣ ନିଜ ସଙ୍ଗଠନକୁ ଅଣରାଜନୈତିକ ରୂପେ ଘୋଷଣା କରିପାରିବେ ?" ଅଟଳଜୀଙ୍କ ଠାରୁ ଏହା ଶୁଣି ସମସ୍ତେ ଖୁସି ହୋଇ ଫେରିଆସିଲେ । ସନ୍ଧ୍ୟାରେ ସଭା ହେଲା । ସଭାରେ ଠେଙ୍ଗଡ଼ୀଜୀ ଭାଷଣ ଦେଇ ମଜଦୁର ସଂଘର ଲକ୍ଷ୍ୟ ଓ କାର୍ଯ୍ୟପଦ୍ଧତି ସମ୍ବନ୍ଧରେ ବିଶଦ ଭାବେ ବର୍ଣ୍ଣନା କଲେ । ସେବେଠାରୁ ମଜଦୁର ସଂଘର ଏକ ଅଣରାଜନୈତିକ ସଙ୍ଗଠନ ରୂପେ ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରୁଛି ।ମଜଦୁର ସଂଘର ଏହି ଲକ୍ଷ୍ୟ ଓ କାର୍ଯ୍ୟକୁ ଶୁଣି କଂଗ୍ରେସ ଓ ବାମପନ୍ଥୀମାନଙ୍କର ଶ୍ରମିକ ସଙ୍ଗଠନର ନେତାମାନେ ଉପହାସ କରିଥିଲେ । ଶ୍ରମିକ ସଙ୍ଗଠନ ପୁଣି ଅଣରାଜନୈତିକ ଏହା ପାଗଳର ପ୍ରଳାପ । ବାମପନ୍ଥୀମାନେ ପରିହାସ କରି କହିଲେ ଶ୍ରମିକ ସଙ୍ଗଠନ ଚଳେଇବା ସହଜ କଥା ନୁହେଁ, ହାଫ୍ ପ୍ୟା[ ପିନ୍ଧି ଡେଇଁବା ଲୋକମାନେ ଶ୍ରମିକ ସଙ୍ଗଠନ ଚଳେଇବା ପାଇଁ ଦିବାସ୍ୱପ୍ନ ଦେଖୁଛନ୍ତି । କିଛି ବର୍ଷ ପରେ ମଜଦୁର ସଂଘର ବିଚାରକୁ ବିଶ୍ୱ ସ୍ୱୀକାର କଲା । ୧୯୯୦ ନଭେମ୍ବର ମାସରେ ମସ୍କୋଠାରେ ଊକ୍ଟକ୍ଷଷୟ ଝକ୍ତବୟର ଟଭସକ୍ଟଭ ଉକ୍ଟଭଶକ୍ତରଷ୍ୱ ଅନୁଷ୍ଠିତ ହୋଇଥିଲା । ଭାରତୀୟ ମଜଦୁର ସଂଘ, ବାମପନ୍ଥୀ ସଙ୍ଗଠନ ସିଟୁ, କଂଗ୍ରେସର ଏଟକ ଆଦି ପରି ବିଶ୍ୱର ୪୦୦ ଶ୍ରମିକ ସଙ୍ଗଠନ ଯୋଗ ଦେଇଥିଲେ । ପ୍ରାୟ ୧୨୫୦ ଜଣ ପ୍ରତିନିଧି ଥିଲେ ଏବଂ ସଭାର ମୁଖ୍ୟ ବିନ୍ଦୁ ଥିଲା– ଅଣରାଜନୈତିକ ଶ୍ରମିକ ସଙ୍ଗଠନଗୁଡ଼ିକ ଶ୍ରମିକମାନଙ୍କର ହିତ ସାଧନ କରୁଛନ୍ତି ଓ ରାଜନୈତିକ ନେତାମାନଙ୍କ ଦ୍ୱାରା ପରିଚାଳିତ ଶ୍ରମିକ ସଙ୍ଗଠନ ଗୁଡ଼ିକ ଦ୍ୱାରା ଶ୍ରମିକମାନଙ୍କର ହିତ ସାଧନ ହୋଇପାରୁ ନାହିଁ । ରୁଷିଆରେ ପ୍ରସ୍ତାବ ସ୍ୱୀକାର କରାଗଲା ଯେ ଶ୍ରମିକ ସଙ୍ଗଠନ ଗୁଡ଼ିକ ଅଣରାଜନୈତିକ ପାଇଁ ପ୍ରଚେଷ୍ଟା କରିବା ଆବଶ୍ୟକ । ରୁଷରେ ସମସ୍ତ ଶ୍ରମିକ ସଙ୍ଗଠନଗୁଡ଼ିକ ଅଣରାଜନୈତିକ ଶ୍ରମିକ ମହାସଂଘରେ ଗଠନ କରାଗଲା । ମଜଦୁର ସଂଘ ଯେଉଁ ଅଣରାଜନୈତିକ ଶ୍ରମିକ ସଙ୍ଗଠନ ସର୍ବପ୍ରଥମେ ଘୋଷଣା କରିଥିଲା, ସେଦିନ ମସ୍କୋରେ ବିଶ୍ୱର ସମସ୍ତ ଟ୍ରେଡ ୟୁନିଅନ୍ ଏହି ପ୍ରସ୍ତାବ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ।

କଠୋର ପରିଶ୍ରମ ଓ ଦୈନନ୍ଦିନ ଗୁଜୁରାଣ ମେଂଟାଉଥିବା ଶ୍ରମିକମାନଙ୍କ ମଧ୍ୟରେ ରାଷ୍ଟ୍ରୀୟତା ଭାବ ଉଦ୍ରେକ କରିବା ମଜଦୁର ସଂଘ ପକ୍ଷେ କଷ୍ଟକର ବ୍ୟାପାର ଥିଲା । ଶ୍ରମିକମାନଙ୍କ ଆନ୍ଦୋଳନ ଓ ବିକ୍ଷୋଭରେ ଭାରତ ମାତାକୀ ଜୟ ଓ ବନ୍ଦେ ମାତରମ୍ ସ୍ଲୋଗାନ ଦିଆଯାଉଥିଲା । ଏହାକୁ ଦେଖି ବିରୋଧୀ ଶ୍ରମିକ ସଙ୍ଗଠନଗୁଡ଼ିକ କଟାକ୍ଷ କରୁଥିଲେ । ଯେଉଁଠାରେ ବୋନସ, ମହଙ୍ଗା ଭତା ଓ ବେତନ ବୃଦ୍ଧି ଆଦି ଦାବି ଉଠୁଛି, ସେଠାରେ ଭାରତ ମାତାଙ୍କୁ କାହିଁକି ସ୍ମରଣ କରୁଛି ? ସେମାନେ ସ୍ଲୋଗାନ ଦେଉଥିଲେ– "ଚାହେ ଯୋ ମଜବୁରୀ ହୋ, ହମାରେ ମାଙ୍ଗେ ପୁରି କରୋ ।" ଏ ସ୍ଲୋଗାନକୁ ଦେଖି ମଜଦୁର ସଂଘ କାର୍ଯ୍ୟକର୍ତାମାନେ ଗହନ ଚିନ୍ତା କରି ଭିନ୍ନ ଢ଼ଙ୍ଗରେ ସ୍ଲୋଗାନ ଦେଲେ– "ଦେଶକେ ହିତ ମେଁ କରେଙ୍ଗେ କାମ, କାମ୍ କେ ଲେଙ୍ଗେ ପୂରେ ଦାମ୍ ।" ଅର୍ଥାତ୍ ରାଷ୍ଟ୍ରହିତର ବ୍ୟାପକ ସନ୍ଦର୍ଭରେ ଶ୍ରମିକର ହିତ ସାଧନ କରିବା– ଏହା ମଜଦୁର ସଂଘର ଲକ୍ଷ୍ୟ ଓ ସିଦ୍ଧାନ୍ତ । ପ୍ରଥମେ ରାଷ୍ଟ୍ରହିତ ପରେ ଉଦ୍ୟୋଗ ହିତ ଓ ଶେଷରେ ଶ୍ରମିକ ହିତ । ଏଥିରେ କୌଣସି ସଂସ୍ଥାଗତ ଅହଙ୍କାର ନାହିଁ । ଏହି ସ୍ଲୋଗାନ ପରଠାରୁ ବିରୋଧୀ ଶ୍ରମିକ ସଙ୍ଗଠନ ଗୁଡ଼ିକ ଚୁପ୍ ହୋଇଯାଇଥିଲେ ।ଔଦ୍ୟୋଗିକ କ୍ଷେତ୍ରରେ ମଜଦୁର ସଂଘ ଶ୍ରମିକ ହିତରେ ପ୍ରଥମେ କେତେକ ଦାବି ଉପସ୍ଥାପନ କରି ସଫଳ ହୋଇଛି । ସେଥିମଧ୍ୟରୁ 'ବୋନସ୍' ଅନ୍ୟତମ । ୧୯୬୯ ମସିହାରେ ମଜଦୁର ସଂଘ ଦେଶର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସମସ୍ତ ରାଜ୍ୟରେ ସ୍ମାରକପତ୍ର ପ୍ରଦାନ କରି ଦାବି ଉପସ୍ଥାପନ କରିଥିଲା ଯେ ସମସ୍ତ ବେତନଭୋଗୀଙ୍କୁ ବୋନସ୍ ମିଳୁ । ସରକାରୀ କର୍ମଚାରୀମାନଙ୍କୁ ମଧ୍ୟ ମିଳୁ । ଯେହେତୁ ସମସ୍ତଙ୍କୁ ସମୁଚିତ ବେତନ ମିଳୁନାହିଁ ତେଣୁ ବୋନସ୍‌କୁ ଡେଫର୍ଡ ୱେଜ (Defferd Wage) ଆକାରରେ ଦିଆଯାଉ । ଦାବି ଉଚ୍ଚାଙ୍ଗ ହେବାରୁ ସରକାର ଏହାକୁ ୧୯୭୯ ମସିହାରେ ଗ୍ରହଣ କଲେ ଓ ସମସ୍ତଙ୍କୁ ଆଜି ବୋନସ୍ ମିଳୁଛି ।

ମଜଦୁର ସଂଘ ସର୍ବପ୍ରଥମେ ବିଶ୍ୱକର୍ମା ସେକ୍ଟର କଥା ଉପସ୍ଥାପନା କଲା । ଏହା ସ୍ୱରୋଜଗାର କ୍ଷେତ୍ର । ଏ କ୍ଷେତ୍ରରେ ସ୍ଥାନୀୟ କାରିଗର, କମାର, କୁମ୍ଭାର, ବଢ଼େଇ, ମୋଚି ଆଦି ଆସନ୍ତି । ସେମାନେ ନିଜେ ମାଲିକ ଓ ନିଜେ ମଜଦୁର । ଏଣୁ ମଜଦୁର ସଂଘ ସେମାନଙ୍କୁ ବିଶ୍ୱକର୍ମା ସେକ୍ଟର ବୋଲି କହିଲା । କମ୍ୟୁନିଷ୍ଟମାନଙ୍କ ଅକଲ ଗୁଡୁମ ହୋଇଗଲା । ସେମାନେ ପାଠ ପଢ଼ିଥିଲେ, ବିଶ୍ୱରେ ଦୁଇଟି ବର୍ଗ ଅଛନ୍ତି । ଜଣେ ପୁଞ୍ଜିପତି ଓ ଅନ୍ୟଟି ସର୍ବହରା । ସମଗ୍ର ବିଶ୍ୱ ଏହିପରି ଦୁଇଟି ବର୍ଗରେ ବିଭକ୍ତ । ତେଣୁ ସେମାନେ କହିଲେ ବିଶ୍ୱକର୍ମା ସେକ୍ଟର ଏକ ଧୂଆଁବାଣ ଓ ଯଥାଶୀଘ୍ର ସମାପ୍ତ ହୋଇଯିବ । ମଜଦୁର ସଂଘର ବାଙ୍ଗାଲୋର ଅଧିବେଶନରେ ଶ୍ରୀ ଦତୋପନ୍ତ ଠେଙ୍ଗଡ଼ୀ ଭାଷଣ ଦେଇ କହିଲେ କମ୍ୟୁନିଷ୍ଟ ଦେଶ ରୁଷିଆ ବିଶ୍ୱକର୍ମା ସେକ୍ଟରକୁ ସ୍ୱୀକାର କଲାଣି । ଏ ସଂକ୍ରାନ୍ତରେ Household Industries Act 'ଘରୋଇ ଉଦ୍ୟୋଗ ଆଇନ' ସେଠାରେ ପ୍ରଣୟନ ହୋଇସାରିଲାଣି । ଚୀନ, ହଙ୍ଗେରୀ ଆଦି କମ୍ୟୁନିଷ୍ଟ ଦେଶଗୁଡ଼ିକ ମଧ୍ୟ ଏହିପରି ସମାନ ଆଇନ ପ୍ରଣୟନ କଲେଣି । ମଜଦୁର ସଂଘର ବିଶ୍ୱକର୍ମା ସେକ୍ଟରକୁ ସେମାନେ ମାନ୍ୟତା ପ୍ରଦାନ କଲେଣି । ଏହା ଶୁଣି ଭାରତରେ କମ୍ୟୁନିଷ୍ଟମାନେ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ ।ମଜଦୁର ସଂଘ ସର୍ବପ୍ରଥମେ ଦେଶରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ କରିଥିଲା । କଂଗ୍ରେସ ସରକାରଙ୍କ ଭ୍ରମାତ୍ମକ ଅର୍ଥନୀତି ଯୋଗୁଁ ଦେଶର ସୁନା ବହୁଳ ଭାବେ ୧୯୯୧ ମସିହାରେ ବିଦେଶରେ ବନ୍ଧା ପଡ଼ିଲା । ଆମେରିକାର ଗୋଡ଼ାଣିଆ ସାଜି ଭାରତର ତତ୍କାଳୀନ ସରକାର ବୈଶ୍ୱୀକରଣ ଓ ଉଦାରୀକରଣ ନାଁରେ ପ୍ରଥମେ ଡଙ୍କେଲ ପ୍ରସ୍ତାବ ଓ ପରେ WTOରେ ସ୍ୱାକ୍ଷର କରିଥିଲା । ଏହା ରାଷ୍ଟ୍ରର ସ୍ୱାର୍ଥବିରୋଧୀ ବୋଲି ମଜଦୁର ସଂଘ କହି ଦେଶସାରା ବିକ୍ଷୋଭ ପ୍ରଦର୍ଶନ କରିଥିଲା । ୧୯୯୩ ଏପ୍ରିଲ ୨୦ ତାରିଖରେ ଲାଲକିଲ୍ଲାଠାରେ ଲକ୍ଷାଧିକ ଶ୍ରମିକ ଏକତ୍ର ହୋଇ ଆନ୍ଦୋଳନ କରିଥିଲେ । ଡଙ୍କେଲ ମନମୋହନ ସିଂହଙ୍କ ଅଙ୍କଲ କହି ବିରୋଧ କରିଥିଲେ । ୨୦୦୧ ଏପ୍ରିଲ ୧୬ ତାରିଖରେ ଡଞ୍ଜଡ ବିରୋଧରେ ବିକ୍ଷୋଭ ଆନ୍ଦୋଳନ ହୋଇଥିଲା । ୨୦୦୫ ନଭେମ୍ବର ୨୩ ତାରିଖରେ ରାମଲୀଳା ମୈଦାନରେ ଲକ୍ଷାଧିକ ଶ୍ରମିକ ଏକତ୍ର ହୋଇ WTO ବିରୋଧରେ ଆନ୍ଦୋଳନ କରିଥିଲେ । କେବଳ ସେତିକି ନୁହେଁ, ଠେଙ୍ଗଡ଼ୀଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍ୱଦେଶୀ ଜାଗରଣ ମଂଚ ସହିତ ସମ୍ମିଳିତ ହୋଇ ମଜଦୁର ସଂଘ ଆନ୍ଦୋଳନ କରିଆସିଛି । ମଜଦୁର ସଂଘ ପ୍ରତିଷ୍ଠା କାଳରୁ ବାମପନ୍ଥୀ ଶ୍ରମିକ ସଙ୍ଗଠନଗୁଡ଼ିକ ବହୁତ ଉପହାସ ଓ ତାଚ୍ଛଲ୍ୟ କରିଆସୁଥିଲେ । ସେତେବେଳେ ମଜଦୁର ସଂଘରେ କାୟା ବିସ୍ତାର କରିବା ଆରମ୍ଭ କଲା । ସେତେବେଳେ ଠେଙ୍ଗଡ଼ୀଜୀ କହିଥିଲେ କମ୍ୟୁନିଜିମ୍ ଅନ୍ତର୍ବିରୋଧର ବୋଝରେ ଛନ୍ଦିହୋଇ ସମାପ୍ତ ହୋଇଯିବ । ସେତେବେଳେ ମଜଦୁର ସଂଘ ଓ ଠେଙ୍ଗଡ଼ୀଜୀଙ୍କୁ ପାଗଳ ବୋଲି ସମସ୍ତେ କହିଲେ । ତାଙ୍କର ଆକଳନ ସତ୍ୟ ସାବ୍ୟସ୍ତ ହେଲା । କେବଳ ଭାରତରୁ ନୁହେଁ, ପୃଥିବୀରୁ ଏବେ କମ୍ୟୁନିଜିମ୍ ସମାପ୍ତ ହୋଇଯାଇଛି । ଭାରତୀୟ ମଜଦୁର ସଂଘର ଦୀର୍ଘ ୭୦ ବର୍ଷର ଯାତ୍ରା ଆଜି ଦେଶର ଶ୍ରମିକ କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ଏହି କ୍ଷେତ୍ରରେ ବହୁ ଶ୍ରମିକ ଓ କାର୍ଯ୍ୟକର୍ତାମାନେ ବହୁ କଷ୍ଟ ଓ ତ୍ୟାଗ କରିଛନ୍ତି । ୧୯୮୪ ମସିହା ଇନ୍ଦୋରର ସର୍ବଭାରତୀୟ ଅଭ୍ୟାସ ବର୍ଗରେ ଠେଙ୍ଗଡ଼ୀଜୀ ସମସ୍ତ କାର୍ଯ୍ୟକର୍ତାମାନଙ୍କୁ ଏକ ଆବେଗପୂର୍ଣ୍ଣ ପ୍ରଶ୍ନ କରିଥିଲେ । ତାହା ହେଲା ବି.ଏମ୍.ଏସ୍‌ର କାର୍ଯ୍ୟ କରି କେତେଜଣ କାର୍ଯ୍ୟକର୍ତା ସହିଦ ହୋଇଛନ୍ତି । ସମସ୍ତ କାର୍ଯ୍ୟକର୍ତା ଦେଢ଼ଘଂଟାଧରି ନାମ ସ୍ମରଣ କଲେ । ପ୍ରାୟ ଶତାଧିକ ଶ୍ରମିକ ଓ କାର୍ଯ୍ୟକର୍ତା ଏହି କାର୍ଯ୍ୟ ପ୍ରତି ସମର୍ପିତ ହୋଇ ବଳିଦାନ ଦେଇଛନ୍ତି । ମଜଦୁର ସଂଘ ତା'ର ସ୍ଲୋଗାନକୁ ସାକାର କରିଛି । ବି.ଏମ୍.ଏସ୍ କା କ୍ୟା ପହଚାନ– ତ୍ୟାଗ-ତପସ୍ୟା ଔର ବଳିଦାନ ।

*ଆଡଭୋକେଟ, ଖଟବିନସାହି, କଟକ*
*ମୋ-୯୪୩୭୦୧୬୩୮୪*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Wednesday September 10 ଭୁବନେଶ୍ୱର ବୁଧବାର, ୧୦, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ଅଧିକାର ସାବ୍ୟସ୍ତ ପାଇଁ ରଣହୁଙ୍କାର




ପାରଳାଖେମୁଣ୍ଡି ,(ପି.ଏନ): ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ବାଘମାରି ପଞ୍ଚାୟତର ଶିଙ୍କୁଲିପଦର ଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶୋଭାଯାତ୍ରା ବାହାରି ହାଟପଦା ଠାରେ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ତ୍ରିପତି ଗମାଙ୍ଗ ଅତିଥି ଭାବେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧୀ ନୀତି ଉପରେ ବକ୍ତବ୍ୟ ରଖିବା ସହ ଅକ୍ଟୋବର ମାସରେ ମୋହନା ତହସିଲ ଓ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସକାଶେ ଆହ୍ୱାନ ଦେଇଥିଲେ. ମକା ଚାଷ ସକାଶେ ଋଣପ୍ରଦାନ, ବିକ୍ରି ପାଇଁ ମଣ୍ଡି, କିଲୋକୁ ୧୦୦ ଟଙ୍କା ପ୍ରଦାନ, ସମସ୍ତଙ୍କୁ ରାସନ କାର୍ଡ ଓ ମାସିକ ୫୦ କିଲୋ ଚାଉଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ ଲକ୍ଷ ଟଙ୍କା ପ୍ରଦାନ, ପେନସନ ୫ ହଜାର ଟଙ୍କା ପ୍ରଦାନ, ମନରେଗାରେ ଦୈନିକ ୬ଶହ ଟଙ୍କା ପ୍ରଦାନ, ସମସ୍ତଙ୍କୁ ୩ଶହ ଟଙ୍କା ୟୁନିଟ୍ ବିଦ୍ୟୁତ୍ ଯୋଗାଣ, ଲୁହାଗୁଡ଼ି ପଞ୍ଚାୟତ ଦନ୍ତାରି ନାଳ ଗାଁରେ ତଦନ୍ତକୁ ତ୍ୱରାନ୍ୱିତ ଆଦି ଦାବି ରହିଛି। ବିକାଶ ନାମରେ ଆଦିବାସୀଙ୍କ ଭାଷା, ସଂସ୍କୃତି ଓ ପ୍ରକୃତିଧର୍ମିତାକୁ ଲୋପ କରାଯାଉଛି। ସେମାନଙ୍କ ଭାଷା ଓ ଲିପିକୁ ସାମ୍ବିଧାନିକ ଅଧିକାର ଦିଆଯାଉ ନାହିଁ । ବିକାଶ ନାମରେ ପ୍ରାକୃତିକ ସମ୍ପଦକୁ ଲୁଣ୍ଠନ କରାଯାଉଛି। ସେମାନେ ରୀତିମତ ଶୋଷଣ ଓ ଠକେଇର ଶିକାର ହେଉଛନ୍ତି। ୨୦୦୬ ଜଙ୍ଗଲ ଅଧିକାର ଆଇନକୁ କାର୍ଯ୍ୟକାରୀ କରାଯାଇ ନଥିବା ବେଳେ ଆଦିବାସୀମାନଙ୍କ ପୂର୍ବପୁରୁଷରୁ ଭୋଗଦଖଲରେ ଥିବା ଜମିଗୁଡ଼ିକୁ ସରକାର ଅଣ ଆଦିବାସୀମାନଙ୍କୁ ଅକ୍ତିଆରି କରିବାର ସୁଯୋଗ ଦେଉଛନ୍ତି । ସେହିଭଳି, ବଡ଼ବଡ଼ କମ୍ପାନିଙ୍କୁ ଜମି ଅଧିକାର ଦେଇ ଆଦିବାସୀଙ୍କ ଜମି, ଜଳ ଓ ଜଙ୍ଗଲ ଉପରେ ଥିବା ଅଧିକାରକୁ ଛଡ଼ାଇ ନେବା ପାଇଁ ଷଡ଼ଯନ୍ତ୍ର କରାଯାଉଛି। ଏଣୁ, ନିଜ ଅଧିକାରକୁ ସାବ୍ୟସ୍ତ କରିବାକୁ ହେଲେ ଆମକୁ ଆନ୍ଦୋଳନ ତୀବ୍ରତର କରିବାକୁ ପଡ଼ିବ ବୋଲି ରାଜ୍ୟ ସଭାପତି ତ୍ରିପତି ଗମାଙ୍ଗ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନରସିଂହ ମଣ୍ଡଳ, ମାଥୁ ରଇତ, ସାଇତ୍ରିକ ମଲ୍ଲିକ, ଡାଗିଂଲା ରଇତ, ତମାସ ରଇତ, କେଶବ ରଇତ, ଯୋହନ ରଇତ, ଏଲିଆବ ଗମାଙ୍ଗ, ସାମସଙ୍ଗ ରଇତ, ସର୍ବଶ୍ରୀ ଗମାଙ୍ଗ, ସୁଦାମ ରଇତ, ସିମିୟ ରଇତ, ବସା ରଇତ, ଅବିୟ ଗମାଙ୍ଗଙ୍କ ସମେତ ଶତାଧିକ ଆଦିବାସୀ ଭାଇଭଉଣୀ ଉପସ୍ଥିତ ଥିଲେ ।

# ବାଲେଶ୍ୱରରେ ଅନୁଷ୍ଠିତ ହେଲା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିମନ୍ତେ ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର



ବାଲେଶ୍ୱର,(ପି.ଏନ): ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସ୍ଥାନୀୟ ପଦ୍ମାବତୀ ଜଳ ଉଦ୍ୟାନ ସଭାଗୃହ ଠାରେ ବସ୍ତା ଓ ରେମୁଣା ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (PEO)ମାନଙ୍କୁ ନେଇ ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଟିକୁ ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର (ସାଧାରଣ) ଶ୍ରୀ ସୁଧାକର ନାୟକ, ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଶ୍ରୀ ସଞ୍ଜୟ ରାଉତ, ଉପ ଜିଲ୍ଲାପାଳ, ନୀଳଗିରି ମଧୁସ୍ମିତା ସାମନ୍ତରାୟ , ଜିଲ୍ଲା ଜରୁରୀ କାଳୀନ ଅଧିକାରୀ , ବାଲେଶ୍ୱର, ଶ୍ରୀ ସାଇ କୃଷ୍ଣ ଜେନା, ଶ୍ରୀ ଅବନୀ କାନ୍ତ ଭୂୟାଁ, ଡିପିଓ, ଓଏସଡିଏମ ପ୍ରମୁଖ ମଞ୍ଚାସୀନ ଥିଲେ ।ପ୍ରତିବର୍ଷ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛି । ଏହା ସତ୍ତ୍ୱେ ବାଲେଶ୍ୱର ଜିଲ୍ଲା ସର୍ବଦା ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହିତ ମୁକାବିଲା ମଧ୍ୟ କରୁଛି। ତେଣୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କଲେ ନିଶ୍ଚିତ ଭାବେ ବିପର୍ଯ୍ୟୟ ମୁକାବିଲା ସଫଳ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର (ସାଧାରଣ) ଶ୍ରୀ ସୁଧାକର ନାୟକ ଏହି ଅବସରରେ କହିଥିଲେ ।ଏହି ପ୍ରଶିକ୍ଷଣରେ ଉପ ଜିଲ୍ଲାପାଳ, ନୀଳଗିରି ମଧୁସ୍ମିତା ସାମନ୍ତରାୟ ପି.ଇ.ଓ.ମାନଙ୍କୁ ବିଭିନ୍ନ ପ୍ରକାର ବିପଦ ସମୟରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା, ସତର୍କତା, ପ୍ରାୟୋଗିକ ପଦକ୍ଷେପ ଓ ସରକାରୀ ସମନ୍ୱୟ ପ୍ରକ୍ରିୟା ବିଷୟରେ ପରାମର୍ଶ ଦେଇଥିଲେ ।ନିବାସୀୟ ପ୍ରଶିକ୍ଷଣରେ ପି.ଇ.ଓ.ମାନେ ବିପଦ ସମୟରେ ଜନସାଧାରଣଙ୍କୁ ସୁରକ୍ଷାରେ ରଖିବା, ସମୟୋଚିତ ସହାୟତା ପହଞ୍ଚାଇବା ଓ ସରକାରୀ ସମନ୍ୱୟକାରୀ ଭାବେ କାର୍ଯ୍ୟ କରିବା ବିଷୟରେ ଯଥେଷ୍ଟ ଜ୍ଞାନ ଲାଭ କରିଛନ୍ତି ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଶ୍ରୀ ସଞ୍ଜୟ ରାଉତ ମତବ୍ୟକ୍ତ କରିଥିଲେ ।ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଟିକୁ ଓଏସଡିଏମ ତରଫରୁ ଯୋଗ ଦେଇଥିବା ଚାରି ଜଣ ପ୍ରଶିକ୍ଷକ ଶ୍ରୀ ଆନନ୍ଦ କୁମାର ପାତ୍ର, ଶ୍ରୀ ଅଞ୍ଜନ ଚାନ୍ଦ, ଶ୍ରୀ ବିମଳେନ୍ଦୁ ଗିରି ଓ ଶିଶିର ଦାଶ ପ୍ରଶିକ୍ଷଣ ଦେଇଥିଲେ । ଜରୁରୀ କାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀ କାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଟୟୋଟା କିର୍ଲୋସ୍କର ମୋଟର ମୂଲ୍ୟ ହ୍ରାସ ଘୋଷଣା କରିଛି

ଭୁବନେଶ୍ୱର.(ପି.ଏନ): GST ହାର ହ୍ରାସର ସମ୍ପୂର୍ଣ୍ଣ ଲାଭ ପ୍ରଦାନ କରୁଛି ବାଙ୍ଗାଲୋର ୦୬ ସେପ୍‌ଟେମ୍ବର ୨୦୨୫: ଗ୍ରାହକ ପ୍ରଥମ ଦର୍ଶନ ପ୍ରତି ଏହାର ଅଟଳ ପ୍ରତିବଦ୍ଧତା ଏବଂ ପ୍ରତ୍ୟେକ ସ୍ପର୍ଶପଏଣ୍ଟରେ ଆନନ୍ଦଦାୟକ ଅଭିଜ୍ଞତା ପ୍ରଦାନ କରିବା ସହିତ, ଟୟୋଟା କିର୍ଲ ?ସ୍କର ମୋଟର (ଛକଗ) ଆଜି ଘୋଷଣା କରିଛି ଯେ ଏହା ସମ୍ପ୍ରତି ଏଝଞ ହାର ହ୍ରାସର ଲାଭ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ପ୍ରଦାନ କରିବ। ସଂଶୋଧିତ ମୂଲ୍ୟ ୨୨ ସେପ୍‌ଟେମ୍ବର ୨୦୨୫ ରୁ କାର୍ଯ୍ୟକାରୀ ହେବ। ଏହି ଘୋଷଣା କରି, ବିକ୍ରୟ-ସେବା-ବ୍ୟବହୃତ କାର ବ୍ୟବସାୟ ଏବଂ ଲାଭ ବୃଦ୍ଧିର ଉପାଧ୍ୟକ୍ଷ ଭାରିନ୍ଦର ୱାଧୱା କହିଛନ୍ତି: “ଆମେ ଏହି ଐତିହାସିକ ସଂସ୍କାର ପାଇଁ ଭାରତ ସରକାରଙ୍କୁ ଆନ୍ତରିକ ଭାବରେ ଧନ୍ୟବାଦ ଦେଉଛୁ। ଏହା କେବଳ ଗ୍ରାହକମାନଙ୍କ ପାଇଁ ସୁଲଭତା ବୃଦ୍ଧି କରିନାହିଁ ବରଂ ଅଟୋ କ୍ଷେତ୍ରରେ ସାମଗ୍ରିକ ବିଶ୍ୱାସକୁ ମଧ୍ୟ ମଜବୁତ କରିଛି। ପାର୍ବଣ ଋତୁ ପୂର୍ବରୁ ଆମେ ଆଶା କରୁଛୁ ଯେ ଏହି ପଦକ୍ଷେପ ଏକ ଦୃଢ଼ ଗତି ପ୍ରଦାନ କରିବ ଏବଂ ଚାହିଦାକୁ ଆହୁରି ତ୍ୱରାନ୍ୱିତ କରିବ। ଏକ ସ୍ୱଚ୍ଛ ଏବଂ ଗ୍ରାହକ-କେନ୍ଦ୍ରିକ କମ୍ପାନୀ ଭାବରେ, ଆମେ ଆମର ଗ୍ରାହକମାନଙ୍କୁ ଏହି ଲାଭ ପ୍ରଦାନ କରିବାକୁ ଖୁସି। ଆମେ ବିଶ୍ୱସ୍ତରୀୟ ଗତିଶୀଳତା ସମାଧାନଗୁଡ଼ିକୁ ଅଧିକ ସୁଲଭ କରିବା ପାଇଁ ଗଭୀର ଭାବରେ ପ୍ରତିବଦ୍ଧ ଏବଂ ଏପରି ସଂସ୍କାରକୁ ସ୍ୱାଗତ କରୁ ଯାହା ଚାହିଦାକୁ ପ୍ରୋତ୍ସାହିତ କରିବ, ସମସ୍ତଙ୍କ ପାଇଁ ଗତିଶୀଳତା ଆଣିବ ଏବଂ ବହୁଳ ଖୁସି ସୃଷ୍ଟି କରିବ, ସହିତ ଭାରତର ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧିର ଯାତ୍ରାରେ ଯୋଗଦାନ ଦେବ।” ଟୟୋଟା ଗାଡ଼ିଗୁଡ଼ିକର ସମ୍ଭାବ୍ୟ ମୂଲ୍ୟ ହ୍ରାସ ନିମ୍ନଲିଖିତ: ମଡେଲ୍ ମୂଲ୍ୟ ହ୍ରାସ ଗ୍ଲାଞ୍ଜା ୮୫,୩୦୦ ଟଙ୍କା ପର୍ଯ୍ୟନ୍ତ ଟାଏଜର ୧,୧୧,୧୦୦ ଟଙ୍କା ପର୍ଯ୍ୟନ୍ତ ରୁମିଅନ୍ ୪୮,୭୦୦ ଟଙ୍କା ପର୍ଯ୍ୟନ୍ତ ହାଇରାଇଡର୍ ୬୫,୪୦୦ ଟଙ୍କା ପର୍ଯ୍ୟନ୍ତ କ୍ରିଷ୍ଟା ୧,୮୦,୬୦୦ ଟଙ୍କା ପର୍ଯ୍ୟନ୍ତ ହାଇକ୍ରସ୍ ୧,୧୫,୮୦୦ ଟଙ୍କା ପର୍ଯ୍ୟନ୍ତ ଫର୍ଚ୍ୟୁନର ୩,୪୯,୦୦୦ ଟଙ୍କା ପର୍ଯ୍ୟନ୍ତ ଲିଜେଣ୍ଡ ୩,୩୪,୦୦୦ ଟଙ୍କା ପର୍ଯ୍ୟନ୍ତ ହାଇଲକ୍ସ ୨,୫୨,୭୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାମରି ୧,୦୧,୮୦୦ ଟଙ୍କା ପର୍ଯ୍ୟନ୍ତ ଭେଲଫାୟାର ୧,୦୧,୮୦୦ ଟଙ୍କା ପର୍ଯ୍ୟନ୍ତ ୨,୭୮,୦୦୦ ନୋଟ୍ - ଗ୍ରାହକମାନଙ୍କୁ ନିକଟତମ ଅଧିକୃତ ଡିଲରସିପ୍ ?ରେ ସେମାନଙ୍କର ପସନ୍ଦର ଟୟୋଟା ଗାଡ଼ିର ମୂଲ୍ୟ ନିଶ୍ଚିତ କରିବାକୁ ଅନୁରୋଧ କରାଯାଉଛି। ପାର୍ବଣ ଋତୁରେ ସମୟସୀମା ମଧ୍ୟରେ ବିତରଣ ସୁନିଶ୍ଚିତ କରିବା ପାଇଁ ଆମେ ଗ୍ରାହକମାନଙ୍କୁ ଶୀଘ୍ର ବୁକିଂ କରିବାକୁ ମଧ୍ୟ ଅନୁରୋଧ କରୁଛୁ।

# ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲରେ ଗୁରୁ ଦିବସ ପାଳନ

ଧାମନଗର ,(ପି.ଏନ): ଧାମନଗର ଏନ ଏ ସି ଅଧିନ ଶାମପୁର ଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଘରୋଇ ଶିକ୍ଷାନୁଷ୍ଠାନ ଓଡିଶା ବ୍ରିଗେଡ଼ ସୈନିକ ସ୍କୁଲ ଧାମନଗର ପରିସରରେ ପବିତ୍ର ଗୁରୁ ଦିବସ ପାଳନ ସହ ସର୍ଗତ ବସନ୍ତ ମହାପାତ୍ରଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ବିଭିନ୍ନ ସରକାରୀ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ,ବାଳିକା ଉଚ୍ଚ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, ଓଡିଶା ବ୍ରିଗେଡ଼ ସୈନିକ ସ୍କୁଲ, ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ଓ ସରସତୀ ଶିଶୁ ମନ୍ଦିର ଆଦି ବିଭିନ୍ନ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଶିକ୍ଷା ପ୍ରଦାନ ସହ ଯେ ଜୀବନକୁ ମାର୍ଜିତ ଓ ଶୃଙ୍ଖଳିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ସେ ହିଁ ଗୁରୁ । ଗୁରୁ ହିଁ ଏକମାତ୍ର ବ୍ୟକ୍ତି ଯିଏ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନ ରୂପକ ଆଲୋକ ପ୍ରଦାନ କରନ୍ତି । ବିନା ଗୁରୁରେ ଜୀବନରେ ଗତି,ମୁକ୍ତି,ମୋକ୍ଷ ପ୍ରାପ୍ତି ସମ୍ଭବ ନୁହେଁ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସର୍ଗତ ମହାପାତ୍ରଙ୍କ ସୁକନ୍ୟା ମନୋରମା ପାଣି,ଜ୍ୱାଇଁ ପଙ୍କଜ ପାଣି ଓ ସୁପୁତ୍ର ଅବସରପ୍ରାପ୍ତ ଇଂ ଦିଲ୍ଲୀପ ମହାପାତ୍ର, ପୁତ୍ରବଧୂ ଦୀପା ମହାପାତ୍ର, ନାତୁଣ ତୁଣୀ ଡ. ଆଦ୍ୟାଶା ମହାପାତ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବନବିହାରୀ ଜେନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ସହ ଶେଷ ସ୍ପର୍ଶ ପ୍ରଦାନ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥି ,ଅଧ୍ୟକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ସହଯୋଗରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ପୋଷଣ ମାସକୁ ପାଳନ କରନ୍ତୁ ସଠିକ୍ ଆହାର ସହିତ



ଭୁବନେଶ୍ୱର,(ପି.ଏନ): ଏକ ସନ୍ତୁଳିତ ଆହାର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ, ଏବଂ ଚଳିତ ବର୍ଷର ପୋଷଣ ମାସର ଥିମ 'ଖାଦ୍ୟ ଆମ ସମସ୍ତଙ୍କୁ ସଂଯୋଗ କରିଥାଏ' ସଂଯୋଗ ସ୍ଥାପନ କରିବାରେ ଖାଦ୍ୟର ଭୂମିକାକୁ ପ୍ରଦର୍ଶିତ କରିଛି। ନିଜର ଦିନକୁ ଆଲମଣ୍ଡ, ଫଳ ଓ ଖାଦ୍ୟଶସ୍ୟ ଭଳି ପୋଷଣରେ ସମୃଦ୍ଧ ଖାଦ୍ୟ ସହ ଆରମ୍ଭ କରିବା ଦ୍ୱାରା ତାହା ଶାରୀରିକ ଶକ୍ତି ଓ ସୁସ୍ଥତା ବୃଦ୍ଧି କରିଥାଏ। ଜିଙ୍କ, ମ୍ୟାଗ୍ନେସିୟମ, ଆଇରନ ଓ ଭିଟାମିନ ଇ ଭଳି ୧୫ଟି ଜରୁରୀ ପୋଷଣ ତତ୍ୱରେ ସମୃଦ୍ଧ କାଲିଫର୍ଣ୍ଣିଆ ଆଲମଣ୍ଡ ସାମଗ୍ରିକ ସୁସ୍ଥତାରେ ସହଯୋଗ କରିବା ପାଇଁ ଏକ ସରଳ ମାଧ୍ୟମ ଅଟେ। ଇଣ୍ଡିଆନ କାଉନ୍ସିଲ ଅଫ୍ ମେଡିକାଲ ରିସର୍ଚ୍ଚ-ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ନ୍ୟୁଟ୍ରିସନ (ଆଇସିଏମଆର-ଏନଆଇଏନ) ମଧ୍ୟ ଭାରତୀୟଙ୍କ ପାଇଁ ଜାରି କରିଥିବା ଆହାର ମାର୍ଗଦର୍ଶିକାରେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆଲମଣ୍ଡର ନିୟମିତ ସେବନ ପାଇଁ ପରାମର୍ଶ ଦେଇଛି। ପ୍ରତିଦିନ ଆଲମଣ୍ଡ ଖାଇବା ଦ୍ୱାରା ତାହା ଓଜନ ପରିଚାଳନା କରିବା, ହୃଦୟ ସ୍ୱାସ୍ଥ୍ୟ ଭଲ ରଖିବା ଓ ରକ୍ତ ସର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଆଲମଣ୍ଡର ଉପକାରିତା ସମ୍ପର୍କରେ ବଲିଉଡ ଅଭିନେତ୍ରୀ ସୋହା ଅଲୀ ଖାନ କହିଛନ୍ତି, 'ମୁଁ କିଛି ହାଲୁକା ଓ ପୋଷଣଯୁକ୍ତ କାଲିଫର୍ଣ୍ଣିଆ ଆଲମଣ୍ଡ ଖାଇବା ସହ ମୋ ସକାଳର ଆରମ୍ଭ କରିଥାଏ ଯାହା ମୋତେ ଅନେକ ସମୟ ପର୍ଯ୍ୟନ୍ତ ଶକ୍ତିସମ୍ପନ୍ନ ଓ ସନ୍ତୁଷ୍ଟ ରଖିଥାଏ। ଯାତ୍ରା ସମୟରେ ମଧ୍ୟ ମୁଁ କାଲିଫର୍ଣ୍ଣିଆ ଆଲମଣ୍ଡର ଏକ ଛୋଟ ବକ୍ସ ସବୁବେଳେ ମୋ ସହ ରଖିଥାଏ। ଏହା ଭୋକ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଓ ମୋର ପ୍ରତିଦିନର ପୋଷଣ ଆବଶ୍ୟକତାକୁ ପୂରା କରିଥାଏ। ଚଳିତ ଜାତୀୟ ପୋଷଣ ମାସରେ ମୁଁ ସମସ୍ତଙ୍କୁ ଆଲମଣ୍ଡ ଭଳି ପୋଷଣଯୁକ୍ତ ଖାଦ୍ୟ ସହ ନିଜର ଦିନ ଆରମ୍ଭ କରିବାକୁ ପ୍ରୋତ୍ସାହିତ କରୁଛି।' ସେହିପରି ଜାତୀୟ ପୋଷଣ ମାସ ସମ୍ପର୍କରେ ମତ ଦେଇ ଦିଲ୍ଲୀର ମ୍ୟାକ୍ସ ହେଲ୍‌ଥକେୟାର ଡାଏଟେଟିକ୍ସ ବିଭାଗର ଆଂଚଳିକ ମୁଖ୍ୟ ରିତିକା ସମାଦାର କହିଛନ୍ତି, ' ମୁଁ ଲୋକମାନଙ୍କୁ ନିଜ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଓ ସଚେତନ ଖାଦ୍ୟ ବିକଳ୍ପ ବାଛିବା ପାଇଁ ଅନୁରୋଧ କରୁଛି। ଲୋକମାନେ ନିଜର ନିୟମିତ ଖାଦ୍ୟରେ ଆଲମଣ୍ଡ ଭଳି ପୋଷଣଯୁକ୍ତ ଖାଦ୍ୟକୁ ଅନ୍ତର୍ଭୁକ୍ତ କରିବା ଜରୁରୀ ଅଟେ, କାରଣ ତାହା ଓଜନ ପରିଚାଳନା, କୋଲେଷ୍ଟ୍ରଲ ଓ ରକ୍ତ ସର୍କରା କମାଇବା ଓ ସୁସ୍ଥତା ବଢାଇବାରେ ସାହାଯ୍ୟ କରିଥାଏ।' ନ୍ୟୁଟ୍ରିସନ ଓ ୱେଲନେସ୍ କନ୍‌ସଲ୍‌ଟାଂଟ ଶୀଲା କ୍ରିଷ୍ଣସ୍ୱାମୀ କହିଛନ୍ତି, '୧୫ଟି ଜରୁରୀ ପୋଷକତତ୍ୱରେ ଭରପୁର ଆଲମଣ୍ଡ ଭଳି ଖାଦ୍ୟକୁ ନିଜ ଆହାରରେ ସାମିଲ କରିବା ଦ୍ୱାରା ଲୋକମାନେ ଏକ ଭିନ୍ନତା ଆଣିପାରିବେ। ଆଇସିଏମଆର-ଏନଆଇଏନ ନିୟମିତ ଆଲମଣ୍ଡ ଖାଇବାକୁ ପରାମର୍ଶ ଦେଉଛି କାରଣ ଏହା ହୃଦୟ ଓ ଅନ୍ତନଳୀ ସ୍ୱାସ୍ଥ୍ୟରେ ସହଯୋଗ କରିଥାଏ , ଡାଇବେଟିସ ଓ ପ୍ରିଡାଇବେଟିସକୁ ନିୟନ୍ତ୍ରିତ ରଖିବାରେ ସାହାଯ୍ୟ କରିଥାଏ। ଆଲମଣ୍ଡ ଖାଇ ଦିନର ଆରମ୍ଭ କରିବା ଦ୍ୱାରା ତାହା ଆପଣଙ୍କୁ ସାରା ଦିନର ଶକ୍ତିସମ୍ପନ୍ନ ରଖିଥାଏ ଓ ଶରୀରର ପୋଷଣ ଆବଶ୍ୟକତା ପୂରଣ କରିଥାଏ।' ଆୟୁର୍ବେଦ ବିଶେଷଜ୍ଞ ମଧୁମିତା କ୍ରିଷ୍ଣନ କହିଛନ୍ତି, 'ଆୟୁର୍ବେଦରେ ଆଲମଣ୍ଡକୁ ଏକ ସାତ୍ୱିକ ଖାଦ୍ୟ ଭାବେ ବିବେଚନା କରାଯାଏ ଯାହା ଭିଟାଇନ ଇ, ସୁସ୍ଥ ଫ୍ୟାଟ ଓ ଆଂଟିଅକ୍ସିଡାଂଟରେ ସମୃଦ୍ଧ ଅଟେ ଯାହା ତ୍ୱଚାକୁ ଭିତରୁ ପୋଷଣ ଯୋଗାଇଥାଏ। ସିଦ୍ଧ ଅଭ୍ୟାସ ମଧ୍ୟ ଶରୀରର ଦୁର୍ବଳତା ଦୂର କରିବା ପାଇଁ ଆଲମଣ୍ଡର ଚିକିତ୍ସକୀୟ ଭୂମିକାକୁ ସ୍ୱୀକୃତି ଦିଏ।'




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray